# Akashvani, Sambalpur

# SAMBALPURI NEWS BULLETIN

## 16 June 2025- 6.47- 6.52 am.

*************************************************

ମୁଖ୍ୟମନ୍ତ୍ରୀ - ନିଯୁକ୍ତି ମେଳା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ଓୟୁଏଟିର କୃଷି ଶିକ୍ଷା ସଦନ୍ ନ ୯ ଶହ ୬୪ ଝନ୍‌କୁ ନିଯୁକ୍ତିପତ୍ର ବାଂଟ୍‌ବେ । ରାଜ୍ୟ ସର୍‌କାର୍‌ଙ୍କର୍ ପୂର୍ତ୍ତ, ଜଲ୍‌ସମ୍ପଦ୍, ଗୃହ, ନଗର୍ ଉନ୍ନୟନ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ ଯୋଗାଣ ଆର୍ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ନ ଖାଲି ପଡ଼ିଥିବା ଭିନ୍ ଭିନ୍ ପଦ୍‌ବୀ ମାନ୍‌କେ ନିଯୁକ୍ତି ଦିଆଯିବା । ରାଜ୍ୟ ସର୍‌କାର୍ ୫ ବଛ୍‌ରେ ଦେଢ଼୍‌ଲାଖ୍ ଯୁଆନ୍ ପିଲା ଟୁକେଲ୍‌ଙ୍କୁ ନିଯୁକ୍ତି ଦେବାର୍‌କେ ଘୋଷ୍‌ନା କରିଥିବାର୍ ବେଲେ ପହେଲା ବଛରେ ୯ ଟା ନିଯୁକ୍ତି ମେଳାଥି ପାଖାପାଖି ୨୮ ହଜାର୍ ଝନ୍‌କୁ ନିଯୁକ୍ତି ପତ୍ର ବାଂଟି ସାରିଛନ୍ ।

ଓଡ଼ିଶା ହାଇକୋର୍ଟ- ଗ୍ରୀଷ୍ମ ଅବକାଶ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟରେ ଗ୍ରୀଷ୍ମ ଅବକାଶ୍ ଗଲା ୨୦ ତାରିଖ୍‌ନୁ ମୁଲ୍ ହେଇଥିବାର୍ ବେଲେ ଜରୁରୀ ମାମ୍‌ଲା ମାନ୍‌କର୍ ଶୁଣାଣି ଲାଗି ଇ ସମିଆଥି ୧୦ ଦିନ୍ ଲାଗି ଅବକାଶକାଳୀନ ଅଦାଲତ୍ ବସିଥିଲା । ଇ ବଛର୍ ଇ ସମିଆଥି ୧୩ ଶହ ଟା ମାମ୍‌ଲାର୍ ଫଇସଲା କରାଯାଇକରି ଗୁଟେ ରେକର୍ଡ୍ ହେଇପାରିଛେ । ଓଡ଼ିଶା ହାଇକୋର୍ଟର ୧୯ ଝନ୍ ବିଚାର୍‌ପତିଙ୍କର୍ ଭିତ୍‌ରୁ ୧୫ ଝନ୍ ବିଚାର୍‌ପତି ଡିଭିଜନ୍ ବେଂଚ୍ ଆଉ ସିଙ୍ଗିଲ୍ ବେଂଚ୍ ଜରିଏ ମାମ୍‌ଲା ମାନ୍‌କର୍ ଶୁଣାଣି କରିଥିଲେ ।

ଆଇନ୍‌ମନ୍ତ୍ରୀ-ବାର୍ଷିକ୍ ବିବରଣୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ବଛର୍ ପୂର୍ତି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ତାକର୍ ବିଭାଗ୍ ମାନ୍‌କର୍ ବାର୍ଷିକ୍ ବିବରଣୀ ଦେଇଛନ୍ । ରାଏଜେ ନ୍ୟାୟିକ ପ୍ରକ୍ରିୟାକେ ଆହୁରି ବର୍‌କସ୍ କର୍‌ବାର୍ ଲକ୍ଷ୍ୟ ନେଇକରି ୬୮ ଟା ନୂଆଁ କୋର୍ଟ ତିଆର୍ କର୍‌ବାର୍ ପ୍ରକ୍ରିୟା ମୁଲ୍ ହେଇସାରିଛେ । ଇତାର୍‌ସହେତେ ରାଜ୍ୟ ଆଉ ୫୫ ଟା ନୂଆଁ କୋର୍ଟ ଖୁଲାଯବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ପୁରୀ ଶ୍ରୀମନ୍ଦିର୍ ଲାଗି ୫ ଶହ କୋଟି ଟଙ୍କାର୍ କର୍ପସ୍ ପାଣ୍ଠି ଲାଗି ନିଷ୍ପତି, ରତ୍ନଭଣ୍ଡାର୍ ଖୁଲ୍‌ବାର୍ ସହେତେ ତାର୍ ମରାମତି ଲାଗି ଲ’

କମିଶନ୍‌ର ପୁନର୍ଗଠନ୍ ବାଗିର୍ ଭିନ୍ ଭିନ୍ ବିଷେ ରିପୋର୍ଟଥି ଉଲ୍ଲେଖ୍ ଅଛେ ।

ଡାଇରିଆ ନିରାକରଣ୍ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଦେଖାଦେଇଥିବା ଝାଡ଼ାବାନ୍ତି ଥିତିକେ ନଜର୍‌ଥି ରଖିକରି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ସରା ରାଏଜେ ଡାଇରିଆ ନିରାକରଣ୍ ଅଭିଯାନ୍ ମୁଲ୍ ହେବା । ଇ ଅଭିଯାନ୍ ଆଏବା ମାସ ୩୧ ତାରିଖ୍‌ତକ୍ ଚାଲ୍‌ବା । ଅଭିଯାନ୍‌ଥି ଝାଡ଼ାବାନ୍ତି ସଂକ୍ରମଣ୍‌ନୁ ନିଜ୍‌କେ ବଂଚାବାର ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେବାର୍ ଲାଗି ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯିବା ।

ଶ୍ରୀମନ୍ଦିର- ଫୁଲୁରୀ ତେଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଅଣସର ଘରେ ମାହାପୁରୁମାନ୍‌କର୍ ଗୁପ୍ତ ଚିକିତ୍ସା ଚାଲିଛେ । ଇ ଅବ୍‌ସରେ ଆଏଜ୍ ପଂଚମୀ ତିଥି ନ ବଡ଼ ଓଡ଼ିଆ ମଠ ତର୍‌ଫୁ ତିଆର୍ ହେଇଥିବା ଫୁଲୁରୀ ତେଲ୍‌କେ ମାହାପୁରୁମାନ୍‌କୁ ଲାଗି କରାଯିବାର୍ ଉତ୍‌ରୁ ଜର୍ ପୀଡ଼ାନୁ ସାମାଏନ୍ ଭଲ୍ ହେବେ ବଲି ଆଶା କରାଯାଉଛେ ।

ବରପୁତ୍ର ଜୀବନୀ-ନାଟକ୍ ମହୋତ୍ସବ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆଉ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ତର୍‌ଫୁ ଗଲା ୧୨ ତାରିଖ୍‌ନୁ ଭୁବ୍‌ନେଶ୍ୱର୍ ଠାନେ ବରପୁତ୍ରମାନ୍‌କର୍ ଜୀବନୀ ଆଧାରିତ୍ ନାଟକ୍ ମହୋତ୍ସବ୍ ମୁଲ୍ ହେଇଛେ । ଇ ଅବ୍‌ସରେ ସମ୍ବଲ୍‌ପୁରୀ ନାଟକ୍ ବୀର ସୁରେନ୍ଦ୍ର ସାଏ ପରିବେଷିତ୍ ହେଇଛେ । ସମ୍ବଲ୍‌ପୁର୍‌ର ବିଶିଷ୍ଟ ନାଟ୍ୟ ଅନୁଷ୍ଠାନ୍ ଶ୍ରୀ କଲ୍‌ଚରାଲ୍ ଏସୋସିଏସନ୍ ତର୍‌ଫୁ ମଂଚସ୍ଥ କରାଯାଇଛେ ।

ଯୋଗ ଶିକ୍ଷକ୍ ପ୍ରଶିକ୍ଷଣ୍ ଶିବିର          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୧ ତାରିଖ୍ ସାରା ପୁର୍‌ଥି ନ ପାଲନ୍ ହେବାର୍‌କେ ଥିବାର୍ ଅନ୍ତର୍ଜାତୀୟ ଯୋଗ ଦିବସ୍‌କେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ଯୋଗ ମହୋତ୍ସବ୍ ସମିତି ତର୍‌ଫୁ ଗୁଟେ ଯୋଗ ଶିକ୍ଷକ୍ ପ୍ରଶିକ୍ଷଣ୍ ଶିବିର୍ ହେଇଯାଇଛେ । ଇଥି ପାଖାପାଖି ୪୦ ଝନ୍ ଯୋଗ ଶିକ୍ଷକ୍ ତାଲିମ୍ ନେଇଥିଲେ ।

ରଜ ପର୍ବ     ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ କୃଷିଭିତିକ ରଜପର୍ବର ୩ ନମ୍ବର୍ ଦିନ୍‌କେ ଆଏଜ୍ ଭିଲ୍ ଉସତ୍ ଆଉ ଉସ୍‌ନାକିର୍ ସହେତେ ପାଲନ୍ କରାଯାଉଛେ । ଆଏବାକାଏଲ୍ ବସୁମତୀ ସ୍ନାନ ପାଲନ୍ ସହେତେ ରଜ ପର୍ବ ଶେଷ୍ ହେବା । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

ବୁନ୍‌କର୍ ହାଟ                ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବର୍‌ଗଡ୍ ଜିଲ୍ଲା ନ ବୁଣ୍‌କାର୍ ମାନ୍‌କୁ ପ୍ରୋତ୍ସାହନ୍ ଦେବାର୍ ସହେତେ ସେମାନ୍‌କର୍ ତିଆର୍ ଦରବ୍‌କେ ବିକ୍ରି କର୍‌ବାର୍ ଲାଗି ପ୍ରସ୍ତାବିତ୍ ବୁନ୍‌କର୍ ହାଟ ଲାଗି ସାଢ଼େ ୨୭ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଜିଲ୍ଲାର୍ ବେହେରା ଠାନେ ଇ ବୁନ୍‌କର୍ ହାଟ୍ ତିଆର୍ ହେବା ।

ପାଣିପାଗ                ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କେତେଟା ଜାଗା ନ ଆଏବା ୭ ଦିନ୍ ଭିତ୍‌ରେ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍

ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଳିଛେ । ବର୍ଷା ଲାଗି ଆଏବା ୩ ଦିନ୍ତକ୍ ତାପମାତ୍ରା ୨ ନୁ ୪ ଡିଗ୍ରୀ କମିପାରେ ।